# କବାଟ ତାଡ଼ି ନେଇଗଲେ ଟଙ୍କା, ସୁନାଗହଣା

**ଭୁବନେଶ୍ୱର,୨୧।୫/ଏନ୍ଏନ୍ଏସ୍:** ରାଜଧାନୀରେ ଜଣେ ମହିଳାଙ୍କ ଘରେ ପଶି ଚୋରମାନେ କଳାକନା ବୁଲାଇ ଦେଇଛନ୍ତି। ଘରେ ଥିବା ନଗଦ ଟଙ୍କା ସହ ୫ଲକ୍ଷ ଟଙ୍କାର ସୁନାଗହଣା ଚୋରିକରି ଲୁଟେରାମାନେ ପଳାଇଛନ୍ତି। ଏଭଳି ଘଟଣା ଖଣ୍ଡଗିରି ଥାନା କଳିଙ୍ଗବିହାର ଅଞ୍ଚଳରେ ଘଟିଛି। ଏହି ଚୋରିର ଶିକାର ହୋଇଛନ୍ତି କଳିଙ୍ଗ ବିହାରରେ ରହୁଥିବା ଜେନାମଣି ରତ୍ନାସମ୍ଭବ। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା କଳିଙ୍ଗବିହାର ପ୍ଲଟ୍ ନଂ-୧୮/କେ/୭ରେ ଅନୁଗୋଳ ଜିଲ୍ଲାର ଜେନାମଣି ରତ୍ନାସମ୍ଭବ ରହୁଛନ୍ତି। ଲକ୍ଡାଉନ ପୂର୍ବରୁ ସ୍ୱାମୀ, ସ୍ତ୍ରୀ ନିଜ ଗାଁ ଅନୁଗୁଳକୁ ପଳାଇଥିଲେ। ସେ ୨ଦିନ ତଳେ କଳିଙ୍ଗବିହାର ସ୍ଥିତ ଘରକୁ ଫେରି ଦେଖିବା ବେଳକୁ ଘରର କବାଟ ଭଙ୍ଗାଯିବା ସହ ଘରେ ଥିବା ସୁନାଗହଣା, ଟଙ୍କା ଓ ବହୁ ଦାମୀ ଜିନିଷ ଚୋରି ହୋଇଯାଇଛି। ଏହାପରେ ସେ ପୁଲିସକୁ ଖବର ଦେଇଥିଲେ। ଚୋରମାନେ ଘରର କବାଟ ଭାଙ୍ଗି ଘରେ ଥିବା ନଗଦ ୪୫ ହଜାର ଟଙ୍କା, ସୁନା ଅଳଙ୍କାର ସମେତ ଦାମି ଇଲେକ୍ଟ୍ରିକାଲ ଜିନିଷ ଲୁଟି ନେଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

NITIDIN
Fri, May 22, 2020
http://odishanewsnitidin.com